# କଲେଜ ଉନ୍ନତି ପାଇଁ ସହଯୋଗ କରାଯିବ



ଶ୍ରୀରାମ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟାପିକାଅଧ୍ୟାପକଙ୍କ ଗହଣରେ ସହବନ୍ଧନ କମିଟି ସଦସ୍ୟମାନେ।

**ଡୁଙ୍ଗୁରିପାଲି, ୨୭।୯ (ଡି.ଏନ.ଏ.)**

### ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସହବନ୍ଧନ କମିଟିର ଶ୍ରୀରାମ ମହାବିଦ୍ୟାଳୟ ପରିଦର୍ଶନ

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁରସ୍ଥିତ ଶ୍ରୀରାମ ଡିଗ୍ରୀ ମହାବିଦ୍ୟାଳୟକୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସହବନ୍ଧନ କମିଟିର ଏକ ଟିମ୍ ମଙ୍ଗଳବାର ପରିଦର୍ଶନ କରିଥିଲା। ପ୍ରଫେସର ଡ଼. ବିଘ୍ନେଶ ପ୍ରସାଦ ମିଶ୍ର, ଡ଼. ଜିତେନ୍ଦ୍ର କୁମାର ପ୍ରଧାନ, ଗଣେଶ ଚନ୍ଦ୍ର ପାଢ଼ୀ ମହାବିଦ୍ୟାଳୟର ପ୍ରଶାସନିକ ବିଭାଗ, ହିସାବ ବିଭାଗ, ପରୀକ୍ଷା ବିଭାଗ, ଶୈକ୍ଷିକ ଦିଗ, ବିଜ୍ଞାନ ପ୍ରୟୋଗଶାଳା, ସିଲଭର ଜୁବିଲି ହଲ୍, ଲାଇବ୍ରେରୀ, ଛାତ୍ରାବାସ ପରିଦର୍ଶନ କରିଥିଲେ। ଆଗାମୀ ଦିନରେ ମହାବିଦ୍ୟାଳୟ ପାଇଁ ସମସ୍ତ ପ୍ରକାରର ସହଯୋଗ ପ୍ରଦାନ କରିବାକୁ କମିଟି ସଦସ୍ୟମାନେ ପ୍ରତିଶ୍ରୁତି ଦେଇଥିଲେ। ଅଧ୍ୟକ୍ଷ ତରଣୀସେନ ବେହେରାଙ୍କ ତତ୍ତ୍ୱାବଧାନରେ ମୁଖ୍ୟ କିରାଣି ମାର୍କଣ୍ଡ ପୁଟେଲ ଆବଶ୍ୟକ ନଥିପତ୍ର କମିଟିକୁ ହସ୍ତଗତ କରାଇଥିଲେ। ଏଥିରେ ପ୍ରଶାସନିକ ମୁଖ୍ୟ ପ୍ରାଧ୍ୟାପକ ସଞ୍ଜୟ କୁମାର ମିଶ୍ର, ଶୈକ୍ଷିକ ମୁଖ୍ୟ ଅଧ୍ୟାପକ ମଧୁସୂଦନ ରଥ, ଅଧ୍ୟାପକ ଡ. ଲିଙ୍ଗରାଜ ସାହୁ, ଡ଼. ଗୁଣନିଧି ବାରିକ, ଡ଼. ଯୋଗେଶ ରାଉତ, ହିସାବ ରକ୍ଷକ ଈଶ୍ୱର ବାଗ, ପରୀକ୍ଷା ସହାୟକ ଅରୁଣ କୁଆଡି, ଗ୍ରନ୍ଥାଗାରିକ ଆନନ୍ଦ ପଧାନ ପ୍ରମୁଖ ସହଯୋଗ କରିଥିଲେ ।

# ସହବନ୍ଧନ କମିଟିର ଶ୍ରୀରାମ ମହାବିଦ୍ୟାଳୟ ପରିଦର୍ଶନ

ଡୁଙ୍ଗୁରିପାଲି/ଏସ୍.ରାମପୁର, ୨୭।୯ (ନି.ପ୍ର): ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପ୍ରଜ୍ଞାବିହାର ବଲାଙ୍ଗିରର ପ୍ରଫେସର ଡ. ବିଘ୍ନେଶ ପ୍ରସାଦ ମିଶ୍ର, ନିର୍ଦ୍ଦେଶକ ଡ. ଜିତେନ୍ଦ୍ର ପ୍ରଧାନ, ସହନିର୍ଦ୍ଦେଶକ ଗଣେଶ ପାଢ଼ୀ ଉନ୍ନୟନ ପରିଷଦର ବରିଷ୍ଠ ବିଭାଗୀୟ ଅଧିକାରୀ ସୁବର୍ଣ୍ଣପୁର ଜିଲା ରାମପୁର ସ୍ଥିତ ଶ୍ରୀରାମ ମହାବିଦ୍ୟାଳୟର ସହବନ୍ଧନ ନେଇ ଅନୁଧ୍ୟାନ କରିଥିଲେ।



ମହାବିଦ୍ୟାଳୟର ପ୍ରଶାସନିକ ବିଭାଗ, ହିସାବ ବିଭାଗ, ପରୀକ୍ଷା ବିଭାଗ, ବିଜ୍ଞାନ ପ୍ରୟୋଗଶାଳା, ସିଲଭର ଜୁବୁଲି ହଲ, ଲାଇବ୍ରେରୀ, ଛାତ୍ରାବାସ ବ୍ୟବସ୍ଥା ଆଦି ତର୍ଜମା କରିବା ପରେ ଉଚ୍ଚ ପ୍ରଶଂଶା କରିଥିଲେ। ମହାବିଦ୍ୟାଳୟ ଲାଭ କରିଥିବା ଅନୁଦାନ ସମ୍ପର୍କରେ ଅବଗତ ହୋଇ ଖୁସି ବ୍ୟକ୍ତ କରିଥିଲେ। ଆଗାମୀ ଦିନରେ ମହାବିଦ୍ୟାଳୟର ବିକାଶ ପାଇଁ ସମସ୍ତ ପ୍ରକାରର ସାହାଯ୍ୟ ସହଯୋଗ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଅଧ୍ୟକ୍ଷ ତରଣୀସେନ ବେହେରାଙ୍କ ତତ୍ତ୍ୱାବଧାନରେ ବରିଷ୍ଠ କିରାଣି ମାର୍କଣ୍ଡ ପୁଟେଲ ଆବଶ୍ୟକ ନଥିପତ୍ର କମିଟିକୁ ହସ୍ତଗତ କରାଇଥିଲେ। ଏ ହି ଅବସରରେ ପ୍ରଶାସନିକ ମୁଖ୍ୟ ପ୍ରାଧ୍ୟାପକ ସଞ୍ଜୟ ମିଶ୍ର, ଶୈ କ୍ଷିକ ମୁଖ୍ୟ ଅଧ୍ୟାପକ ମଧୁସୂଦନ ରଥ, ଅଧ୍ୟାପକ ଡଃ ଲିଙ୍ଗରାଜ ସାହୁ, ଗୁଣନିଧି ବାରିକ, ଯୋଗେଶ ରାଉତ, ହିସାବ ରକ୍ଷକ ଈଶ୍ୱର ବାଗ, ପରୀକ୍ଷା ସହାୟକ ଅରୁଣ କୁଆଡି, ଗ୍ରନ୍ଥାଗାରିକ ଆନନ୍ଦ ପଧାନ, କର୍ମଚାରୀ ଭବାନୀ ଶଙ୍କର ପଧାନ, ସୁରେଶ ମେହେର, ବିଜୟ ମହାକୁର ପ୍ରମୁଖ ଉପସ୍ଥିତ ଥିଲେ।